# ପାଠ-୩-କବିତା : ଚିଲିକାରେ ସାୟନ୍ତନ

## କବି- କବିବର ରାଧାନାଥ ରାୟ

## ଶ୍ରେଣୀ – ଦଶମ

## ଚତୁର୍ଥ ଦିନ

**General Objectives -** ସାଧାରଣ ଆଭିମୁଖ୍ୟ :

ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସାନ୍ଧ୍ୟକାଳୀନ ଦୃଶ୍ୟରାଜି କବିଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି ।

ସଂସାରରେ ବାହ୍ୟ ଚାକଚକ୍ୟ ପ୍ରତି ଆକର୍ଷଣ ହିଁ ଅଜ୍ଞାନତା ଏବଂ ସର୍ବନାଶର ମୂଳକାରଣ

**Specific Objectives -** ବିଶେଷ ଆଭିମୁଖ୍ୟ :

କବି ରାଧାନାଥଙ୍କ ଜୀବନୀ ଓ ସାହିତ୍ୟ କୃତି,

ପାଣ୍ଡିତ୍ୟ ଓ କବିଙ୍କର ଉଚ୍ଚକୋଟୀର ନିଦର୍ଶନ,

ଚିଲିକାର ପ୍ରାକୃତିକ ଦୃଶ୍ୟ,

ପ୍ରକୃତିକୁ ନାୟିକା କରିବାରେ କବିଙ୍କର ସିଦ୍ଧହସ୍ତତା ସଂପର୍କରେ ଜ୍ଞାନ ।

ଜାତୀୟ ଭାବନାର ଉଦ୍‌ବେଳନ,

ଜୀବନ ପ୍ରତି ଶାଶ୍ୱତ ବାର୍ତ୍ତା ଓ କବିଙ୍କ ସୌନ୍ଦର୍ଯ୍ୟ ବୋଧ ସଂପର୍କରେ ଜ୍ଞାନ ।

ବ୍ୟାକରଣଗତ ଶବ୍ଦ, ନୂତନ ଶବ୍ଦ ଏବଂ ଶୁଦ୍ଧ ଓ ସ୍ୱଷ୍ଟ ଲିଖନ ।

କବିତା ଆବୃତ୍ତି ଶୈଳୀ ସଂପର୍କରେ ଅଧିକ ତଥ୍ୟ ।

ODM EDUCATIONAL GROUP
Changing your Tomorrow

**Learning Outcome :**

*ପ୍ରକୃତି ଏବଂ ପ୍ରାକୃତିକ ପରିବେଶକୁ ଭଲ ପାଇବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ।

* ଲୋଭ ଏବଂ ଅଜ୍ଞାନତା ହିଁ ସର୍ବନାଶର କାରଣ । ତେଣୁ ଜୀବନରେ ଲୋଭ କରିବା ଅନୁଚିତ୍ ।

* ଈଶ୍ୱରଙ୍କ ଅନବଦ୍ୟ ସୃଷ୍ଟି ପ୍ରକୃତି – ଏହି ମୂଲ୍ୟବୋଧ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜାଗ୍ରତ କରାଇବା ।

* ଆଲୋଚ୍ୟ କବିତା ମାଧ୍ୟମରେ ଆଧୁନିକ ଯୁଗର କବି – କବିବର ରାଧାନାଥ ରାୟଙ୍କ ଜୀବନୀ ଓ ସାହିତ୍ୟ କୃତି ସଂପର୍କରେ ଅବଗତ କରାଇବା ।

* ପ୍ରକୃତି ଭିତରେ ମାନବୀୟ ଆବେଗ ଏବଂ ସମ୍ବେଦନଶୀଳତା କିପରି ମାନବର ସୁଖ ଦୁଃଖରେ ସହଭାଗିତା ହୋଇଥାଏ ତାହା ଛାତ୍ରଛାତ୍ରୀମାନଙ୍କ ଭିତରେ ଅବଗତ କରାଇବା ।

ODM EDUCATIONAL GROUP
Changing your Tomorrow

## ପୂର୍ବପାଠର ଆଲୋଚନା :

୧. ପାରଦ-ଧଉତ ଶବ୍ଦଟିର ବ୍ୟାଖ୍ୟା କରାଯିବ ।

୨. ପୋତପାଳ ମଶାଲ ଜାଳିଛି କାହିଁକି ?

୩. 'ଗଲାଣି ତ ଗଲା କଥାରେ ସଙ୍ଗାତ' ଅର୍ଥ କ'ଣ ?

୪. ଏହି କବିତାରେ କବି କେଉଁ ସମୟର ଚିତ୍ରକୁ ବର୍ଣ୍ଣନା କରିଛନ୍ତି ?

୫. କବିସୂର୍ଯ୍ୟ ବଳଦେବ ରଥ କେଉଁ ଯୁଗର କବି ଥିଲେ ?

ODM EDUCATIONAL GROUP
Changing your Tomorrow

ତରଙ୍ଗେ ଦୋହଲି ଦୋହଲି ବୋଇତ
ଥରେ ଦିଶେ, ଥରେ ହୁଏ ଅନ୍ତର୍ହିତ,
ଦୁଃଖିମନେ ଆଶା ଉତ୍‌ଥାନ ପତନ-
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ,
ନିଶାଗମେ କ୍ରମେ ଲୋକ-କୋଳାହଳ
ନିବର୍ତ୍ତି ଅବନୀ ହେଉଛି ନିଶ୍ଚଳ,
ଜଳ-ସ୍ଥଳ-ନଭଃ ଜ୍ୟୋସ୍ନାପରିପ୍ଳୁତ
ସୃଷ୍ଟି ଦିଶେ ଯେହ୍ନେ ପାରଦ-ଧଉତ,

ODM EDUCATIONAL GROUP
Changing your Tomorrow

ସ୍ନିଗ୍ଧ ତରୁପତ୍ରେ, ମସୃଣ ଉପଳେ
ଜକଜକ ହୋଇ ଜ୍ୟୋତ୍ସ୍ନା ପ୍ରତିଫଳେ,
ସର୍ପେ ଚିତ୍ର ଚନ୍ଦ୍ରଚୂଡ଼-ତନୁ ଭଳି
ଛାୟା-ମିଶ୍ର-କରେ ଶୋଭେ ବନସ୍ଥଳୀ,
ପ୍ରଶାନ୍ତ, ନୀରବ ଗିରି ବନଦେଶ,
ନାହିଁ ଏଥି ନର ଚହଳର ଲେଶ,
ଦୂର ଝରନାଦ, ଝିଙ୍କାରି -ଝଙ୍କାର
କରେ ନିଶୀଥିନୀ ପ୍ରଭାବ-ପ୍ରଚାର,

ODM EDUCATIONAL GROUP
Changing your Tomorrow

**ଯତିପାତ ଶବ୍ଦଗୁଡିକୁ ଲେଖାଯିବ ।**

ନାବେ-ଠାବେ

ମୁହାଣେ - ଧାନେ

ଗୀତାମୃତ – ମାରୁତ

ହାସିନୀ-ବାସିନୀ

ଶ୍ମଶାନ - ଆୟୁଷ୍ମାନ

ନାସି – ଭାସି

କଷ୍ଟ ଶବ୍ଦ ଗୁଡିକୁ ଲେଖ ଏବଂବାକ୍ୟଗଠନ କର ।

ନିବର୍ତ୍ତି

ସ୍ୱଷ୍ଟାକାର

ଅବନୀ

ଜ୍ୟୋସ୍ନା ପରିପ୍ଲୁତ

ଅନ୍ତର୍ହିତ

ପାରଦ-ଧଉତ

ପ୍ରତିବିମ୍ବ

ମସୃଣ

ODM EDUCATIONAL GROUP
Changing your Tomorrow

**ଗୃହକର୍ମ :**

କବିତାରେ ଥିବା କଷ୍ଟ ଶବ୍ଦ ଗୁଡିକୁ ବାଛି ଲେଖ ।

ପଠିତାଂଶଟିକୁ ଅଭ୍ୟାସ କର । ୧୦ଟି ବସ୍ତୁନିଷ୍ଠ ପ୍ରଶ୍ନ ପ୍ରସ୍ତୁତ କର ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow